ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/H&FW(OD)/1132 /18-10-2023

# ପିଜି ଅଧ୍ୟୟନ ପାଇଁ ନିୟମିତ ଇନ୍‌ସର୍ଭିସ୍ ଡାକ୍ତରମାନଙ୍କ ରିଲିଭ୍ ନେଇ ନିୟମାବଳୀ

ଭୁବନେଶ୍ୱର, ତା.୧୮/୧୦/୨୦୨୩

ପିଜି ଅଧ୍ୟୟନ ପାଇଁ ନିୟମିତ ଇନ୍‌ସର୍ଭିସ୍ ଡାକ୍ତରମାନେ ରିଲିଭ୍ ହେଲାବେଳେ ନିଜ ନିଜର ପିଜି ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଆବେଦନ ମାଧ୍ୟମରେ ଅବଗତ କଲେ ପ୍ରତ୍ୟେକ ମାସ ପାଇଁ ସେମାନଙ୍କ ଉପସ୍ଥାନ ବିବରଣୀ ସଂପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ପିଏଚ୍‌ଓ)ଙ୍କ ପାଖକୁ ଦରମା ଉଠାଣ ନିମନ୍ତେ ପଠାଯିବ ।

ସଂପୃକ୍ତ ସିଡିଏମ୍‌ଓ ଏବଂ ପିଏଚ୍‌ଓ ଏଫ୍‌ଡିଓଏମ୍ ନଂ-୬୮୭୪/୨୦/୦୨/୧୯୯୬ ଅନୁଯାୟୀ ପିଜି ପାଠ୍ୟକ୍ରମ ପାଇଁ ରିଲିଭ୍ ହୋଇଥିବା ଡାକ୍ତରମାନଙ୍କ ତାଲିକା, ଅନୁଷ୍ଠାନରେ ଯୋଗଦେବା ତାରିଖ ଏବଂ ପିଜି ପାଇଁ ଅରିଜିନାଲ୍ ବଣ୍ଡ ବିଭାଗରେ ଷ୍ଟୁଡେଣ୍ଟ ଲିଭ୍ ମଞ୍ଜୁରୀ ପାଇଁ ଦାଖଲ କରିବେ । ନିୟମିତ ଇନ୍‌ସର୍ଭିସ୍ ଡାକ୍ତରମାନେ ଦରମା ଗ୍ରହଣ କରିବେ କିମ୍ବା ପିଜି ଅନୁଷ୍ଠାନରୁ ଷ୍ଟାଇପେଣ୍ଡ ନେବେ ସେ ନେଇ ସଂପୃକ୍ତ ସିଡିଏମ୍‌ଓ ଓ ପିଏଚ୍‌ଓଙ୍କୁ ଏକ ଆଫିଡେଭିଟ୍ ଆକାରରେ ଅଣ୍ଡରଟେକିଙ୍ଗ୍ ଦେବାକୁ ପଡ଼ିବ । ପିଜି ପାଠ୍ୟକ୍ରମ ଅଧାରୁ ଛାଡ଼ିଲେ ସଂପୃକ୍ତ ଡାକ୍ତରମାନଙ୍କୁ ଛୁଟି ଅବଧିରେ ପାଇଥିବା ସଂପୂର୍ଣ୍ଣ ଦରମା ଫେରାଇବାକୁ ପଡ଼ିବ ।

ଦିପ୍ତୀମୟୀ ମହାପାତ୍ର
ଉପନିର୍ଦ୍ଦେଶକ